# ଉଦ୍ୟାନ ପ୍ରକଳ୍ପ ଗୃହ ନିର୍ମାଣରେ ଅନିୟମିତତା ଅଭିଯୋଗ

## ଜିଲ୍ଲାପାଳଙ୍କ ପରିଦର୍ଶନ ପରେ ବି କାର୍ଯ୍ୟ ମନ୍ଥର

ନିଶ୍ଚିନ୍ତକୋଇଲି,୧୪।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଇଶାଣୀବରହମପୁର ପଞ୍ଚାୟତ ଖେଣ୍ଟାଳୋ ଗ୍ରାମରେ ଓରମାସ ଅନୁଦାନରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆଦିଶକ୍ତି ଗ୍ରାମୀଣ ବୈଷୟିକ ଉଦ୍ୟାନ ପ୍ରକଳ୍ପ ପାଇଁ ଏକ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। କାର୍ଯ୍ୟାଦେଶ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ରହିଥିବା ବେଳେ ସ୍ଥାନୀୟ ଗ୍ରାମର କେତେକ ରାଜନୈତିକ କର୍ମୀ ଏହି କାର୍ଯ୍ୟକୁ କରୁଛନ୍ତି। ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ସରକାରୀ ନୀତି ନିୟମର ଊର୍ଦ୍ଧ୍ୱରେ କରାଯାଉଥିବା ନେଇ ଅଭିଯୋଗ ହେବା ପରେ ଖୋଦ୍ ଜିଲ୍ଲାପାଳ ଉକ୍ତ କାର୍ଯ୍ୟକୁ ପରିଦର୍ଶନରେ ଆସିଥିଲେ। ପରେ



ନିର୍ମାଣ କାର୍ଯ୍ୟ ସଠିକ୍ ଭାବେ କରିବା ସହିତ ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲ୍ଲାପାଳ ପରିଦର୍ଶନ ପରେ କାର୍ଯ୍ୟ କରୁଥିବା ଠିକାଦାର ଓ ଯନ୍ତ୍ରୀ ଏଥିରୁ ନ ସୁଧୁରି ପୂର୍ବ ଭଳି କାର୍ଯ୍ୟରେ ଅନୀୟମିତତା କରୁଥିବା ଅଭିଯୋଗ ହେଉଛି।

ଘଟଣାରୁ ପ୍ରକାଶ, ଖେଣ୍ଟାଳ ଗ୍ରାମରେ ମିଶନଶକ୍ତି ମହିଳାଙ୍କର ପ୍ରଗତି ପାଇଁ ଆଦିଶକ୍ତି ଗ୍ରାମୀଣ ବୈଷୟିକ ଉଦ୍ୟାନ ନିମନ୍ତେ ବନ୍ଦ ହୋଇଯାଇଥିବା ବଳରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ପ୍ରକଳ୍ପ କାର୍ଯ୍ୟ ନିର୍ମାଣ ପାଇଁ ସ୍ଥାନ ଧାର୍ଯ୍ୟ ହୋଇଥିଲା। ଏଠାରେ ଏକ ଗୃହ ନିର୍ମାଣ ନିମନ୍ତେ ୧୦ ଲକ୍ଷ ଟଙ୍କା ଅନୁଦାନ ମଧ୍ୟ ଯୋଗାଇ ଦିଆଯାଇଥିଲା। ହେଲେ ଏହି ଗୃହ ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଇଥିବା ବେଳେ କାନ୍ଥ ଗଢ଼ା ଯିବାରେ ସ୍କୁଲ ଘର ଭଙ୍ଗାଯାଇ ସେଥିରୁ ବାହାରିଥିବା ପୁରୁଣା ଇଟାଗୁଡିକୁ ଲଗାଯାଇଥିବା ଅଭିଯୋଗ ହୋଇଥିଲା। ଏହାଛଡା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷରେ ବହୁ ବିଳମ୍ବ ହୋଇଥିଲା। ବର୍ତ୍ତମାନ ଉକ୍ତ ଗୃହର କାନ୍ଥ ପଲସ୍ତରା କାର୍ଯ୍ୟ ଚାଲିଥିଲେ ମଧ୍ୟ ତାହା ସଠିକ୍ ଭାବେ କରାଯାଉ ନଥିବା ଅଭିଯୋଗ ହୋଇଛି। କାର୍ଯ୍ୟ ହେଉଥିବା ସମୟରେ ବିଭାଗୀୟ ପକ୍ଷରୁ ସଠିକ୍ ତଦାରଖ କରାଯାଉ ନଥିବାରୁ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରୁଥିବା ଦେଖାଯାଇଛି। ଏ ସଂକ୍ରାନ୍ତରେ ନିଶ୍ଚିନ୍ତକୋଇଲି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ କର କହିଥିଲେ, ଏବେ କାମ ଠିକ୍‌ଠାକ୍ ଚାଲିଛି। ପୂର୍ବରୁ ଯେଉଁ ପୁରୁଣା ଇଟା ବ୍ୟବହୃତ ହୋଇଥିଲା ତାହା ବିଲ୍‌ରୁ ହିସାବ କରି କଟାଯାଇଛି।

## କଟକ ସଦର ବ୍ଲକ କାର୍ଯ୍ୟାଳୟକୁ ସ୍ଥାନାନ୍ତର ଦାବି





କନ୍ଦରପୁର,୧୪।୨(ସମିସ): କଟକ ମହାନଗର ନିଗମ (ସିଏମସି) ତଥା ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ପରିସରରେ ଥିବା କଟକ ସଦର ପଞ୍ଚାୟତସମିତି କାର୍ଯ୍ୟାଳୟକୁ ଆବଶ୍ୟକତା ଦୃଷ୍ଟିରୁ ସଦର ନିର୍ବାଚନମଣ୍ଡଳୀର ଏକ ମଧ୍ୟବର୍ତ୍ତୀ ସ୍ଥାନକୁ ସ୍ଥାନାନ୍ତରିତ କରିବାକୁ ଦାବି ହୋଇଛି। ସଦର ନିର୍ବାଚନମଣ୍ଡଳୀର ଲୋକମାନେ ଦୀର୍ଘ ୨୦-୨୫ କିମି ଦୂର କଟକ ନୂଆବଜାରଠାରେ ଥିବା ଏହି ବ୍ଲକକୁ ବିଭିନ୍ନ ଜରୁରୀ କାର୍ଯ୍ୟ ପାଇଁ ଆସି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଜନସାଧାରଣଙ୍କ ସୁବିଧା ପାଇଁ ନୂଆବଜାରଠାରେ ଥିବା ବ୍ଲକ କାର୍ଯ୍ୟାଳୟକୁ ସଦର ନିର୍ବାଚନମଣ୍ଡଳୀର ଏକ ମଧ୍ୟବର୍ତ୍ତୀ ସ୍ଥାନକୁ ସ୍ଥାନାନ୍ତର କରିବାକୁ ସାମାଜିକ ସଂଗଠନ 'ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ'ର ସଭାପତି ଶିକ୍ଷାବିତ ପ୍ରଫେସର ମନୋଜ ନାୟକ ଦାବି କରିଛନ୍ତି।

## ଗ୍ରାମ୍ୟ ରାସ୍ତା ଶୋଚନୀୟ



ନିଶ୍ଚିନ୍ତକୋଇଲି, ୧୪।୨ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧୁପୁର ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହାକୁ ମରାମତି କରିବା କିମ୍ବା ଏହା ଉପରେ ପୁନର୍ବାର ଢଳେଇ ରାସ୍ତା ନିର୍ମାଣ କରିବା ନେଇ ସ୍ଥାନୀୟ ଲୋକ ବାରମ୍ବାର ବ୍ଲକ ପ୍ରଶାସନ ଓ ପଞ୍ଚାୟତକୁ ଅବଗତ କରାଇଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଉ ନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ରାସ୍ତାର କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରେ ଫାଟି ଆଁ କରିବା ଓ ଢଳେଇ ଉଠିଯାଇ ସ୍ଥାନେ ସ୍ଥାନେ ଖାଲ ଖମା ସୃଷ୍ଟି ହୋଇଛି। ଏବେ ଉକ୍ତ ରାସ୍ତାରେ ଯାତାୟାତ ପାଇଁ ଲୋକମାନେ ହୀନସ୍ତା ହେଉଛନ୍ତି। ପ୍ରତ୍ୟେକ ଦିନ ସ୍ଥାନୀୟ ସ୍କୁଲକଲେଜ ଛାତ୍ରଛାତ୍ରୀ, ଅଙ୍ଗନବାଡି ଶିଶୁ ଓ ସାଧାରଣ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇ ଯାତାୟାତରେ ସମସ୍ୟା ଉପୁଜୁଥିବା ବେଳେ ଜରୁରିକାଳୀନ ପରିସ୍ଥିତିରେ ଏହି ଗ୍ରାମକୁ ଦମକଳ ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯାଇଆସିପାରୁନାହିଁ। ଲୋକେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇ ନପାରି ଅକାଳରେ ମୃତ୍ୟୁମୁଖରେ ପଡୁଥିବାର ଅଭିଯୋଗ ହୋଇଛି। ଏହି ରାସ୍ତାକୁ ମରାମତି କରାଯିବା ନିମନ୍ତେ ସ୍ଥାନୀୟଲୋକେ ବାରମ୍ବାର କଟକ ସଦର ବିଧାୟକଙ୍କ ନିକଟରେ ଦାବି କରି ଆସୁଥିଲେ ମଧ୍ୟ ଏଥିପ୍ରତି ସେ କର୍ଣ୍ଣପାତ କରୁ ନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

## ବୁଣାକାରଙ୍କ ପରଲୋକ



ନିଶ୍ଚିନ୍ତକୋଇଲି, ୧୪।୨ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ପଞ୍ଚାୟତ ହରିନବାସାହିର ବରିଷ୍ଠ ବୁଣାକାର ନିଶାମଣି ପାତ୍ର(୯୨)ଙ୍କ ପରଲୋକ ହୋଇଛି। ଦୀର୍ଘ ଦିନ ହେବ ସେ ଶଯ୍ୟାଶାୟୀ ଥିଲେ। ହସ୍ତତନ୍ତ ଶିଳ୍ପରେ ତାଙ୍କର ବେଶ୍ ପାରଦର୍ଶିତା ଥିଲା। ତାଙ୍କ ବିୟୋଗରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ଅର୍ଜୁନୀ ପାତ୍ରଙ୍କ ସମେତ ବହୁ ଜନପ୍ରତିନିଧି ଓ ନେତୃବୃନ୍ଦ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଛି। ପୁତ୍ର ଭରତ ପାତ୍ର ମୁଖାଗ୍ନି ଦେଇଥିଲେ।

## ଅଲେଖ ସାଧୁ ବାଞ୍ଛାନିଧି ବାବାଙ୍କ ସ୍ମୃତିସଭା ପ୍ରସ୍ତୁତି

ଟାଙ୍ଗୀ,୧୪।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଟାଙ୍ଗୀସ୍ଥିତ ଅଲେଖ ଟୁଙ୍ଗିର ବାବା ସ୍ୱର୍ଗତଃ ବାଞ୍ଛାନିଧି ଦାସଙ୍କ ସ୍ମୃତିଚାରଣ ସଭା ଓ ମହିମା ମହୋତ୍ସବ ଆସନ୍ତା ୧୭ ଓ ୧୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ୧୭ ତାରିଖ ମଙ୍ଗଳବାର ପ୍ରାତଃ ସାଢେ ୪ଟରେ ଅଖଣ୍ଡ ଘୃତବତି ପ୍ରଜ୍ୱଳନ ଓ ବ୍ରହ୍ମଧୁନୀ ସ୍ଥାପନ ସହ ସନ୍ଧ୍ୟାରେ ସ୍ମୃତିଚାରଣ ସଭା ଏବଂ ବୁଧବାର ପୂର୍ଣ୍ଣାହୁତି ଓ ସାଧୁଭିକ୍ଷା କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ କୋଣରୁ ଅଲେଖ ସାଧୁ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ମହିମା ଧର୍ମ ସମାଜର ସଭାପତି ବାବା ଶୁକଦେବ ଦାସ ସୂଚନା ଦେଇଛନ୍ତି। ପ୍ରକାଶଥାଉକି ଉଭୟ କଟକ ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଭ୍ରମଣକରି ମହିମା ଧର୍ମର ପ୍ରଚାରକ ସାଜିଥିବା ବାଞ୍ଛା ବାବା ଗତମାସ ୧୯ ତାରିଖରେ ଗଙ୍ଗୀସ୍ଥିତ ଅଲେଖ ଟୁଙ୍ଗିରେ ଇହଲୀଳା ତ୍ୟାଗ କରିଥିଲେ।

## କଂଗ୍ରେସ ଆଇନ ସେଲ୍ ରାଜ୍ୟ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

କଟକ,୧୪।୨(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆଇନ ସେଲର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବରିଷ୍ଠ ଆଇନଜୀବୀ ତଥା ହାଇକୋର୍ଟର ପୂର୍ବତନ ରେଜିଷ୍ଟ୍ରାର ରତିକାନ୍ତ ମହାପାତ୍ରଙ୍କୁ ଆଇନଜୀବୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରିଷ୍ଠ ଆଇନଜୀବୀ ଶକ୍ତିଧର ଦାସଙ୍କ ଅଧ୍ୟକ୍ଷତାରେ ଗାନ୍ଧୀ ଭବନଠାରେ ଅନୁଷ୍ଠିତ ସଭାରେ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ବିୟୋଗ ଓ କାରଗିଲ ସହିଦ ଦିବସ ପାଇଁ ଏକ ନିରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ସମ୍ବର୍ଦ୍ଧନା



ସଭାରେ ଆଇନଜୀବୀ ପତିତପାବନ ପଣ୍ଡା, ମହମ୍ମଦ ଆରିଫଉଦ୍ଦିନ ଖାନ୍, ଗଙ୍ଗାଧର ସାମଲ, ଆଲୋକ ନନ୍ଦ, ଗଣେଶ ପ୍ରସାଦ ମହାନ୍ତି, ଦେବାଶିଷ ପାଣିଗ୍ରାହୀ, ବିଦ୍ୟାଧର ମାନସିଂହ, ରାଜେନ୍ଦ୍ର ଦାସ, ପ୍ରଣୟ ଦାସ, ଦୁର୍ଗାପ୍ରସାଦ ସ୍ୱାଇଁ, ରେହାନା ଖାତୁନ, ଜୟନ୍ତୀ ନାୟକ, ରାଜୀବ ମହାପାତ୍ର, ନିଶିକାନ୍ତ ମିଶ୍ର, ରମେଶଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୨୭ରୁ ନରଣପୁର କପ୍ ଦିବାରାତ୍ର ଫୁଟ୍‌ବଲ

ବାରଙ୍ଗ,୧୪।୨(ସମିସ): ବାରଙ୍ଗ ବ୍ଲକ ନରଣପୁର ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆସନ୍ତା ୨୭, ୨୮ ଓ ମାର୍ଚ୍ଚ ୧ ତାରିଖ ତିନିଦିନ ଧରି ୧୨ତମ ଦିବାକର ସ୍ୱାଇଁ ମେମୋରିଆଲ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଅଞ୍ଚଳର ବଛାବଛା ୧୬ଟି ଫୁଟବଲ କ୍ଲବ ଅଂଶଗ୍ରହଣ କରିବେ। ଖେଳ ପ୍ରତିଦିନ ଅପରାହ୍ନ ୪ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଖେଳାଯିବ। ରବିବାର ଦୁଇଟି ସେମିଫାଇନାଲ ଓ ଗୋଟିଏ ଫାଇନାଲ ମ୍ୟାଚ ଖେଳାଯିବ। କ୍ଲବର ଭେଟରାନ ଖେଳାଳି ଓ କଟକ ସହରର ଭେଟରାନ




ଖେଳାଳିଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କ୍ଲବର ଉପଦେଷ୍ଟା ଭରତ ସ୍ୱାଇଁ ସୂଚନା ଦେଇଛନ୍ତି। କ୍ଲବର ଅଧ୍ୟକ୍ଷ ସୁରେନ୍ଦ୍ର ବିଶ୍ୱାଳ, ସଭାପତି ଅକ୍ଷୟ ବିଶ୍ୱାଳ, ସମ୍ପାଦକ ସଞ୍ଜୟ ସ୍ୱାଇଁ, କୋଷାଧ୍ୟକ୍ଷ ଦିନେଶ ରଞ୍ଜନ ରାଉତ, ଗ୍ରାମ ସଭାପତି ରଞ୍ଜନ ସାହୁ, ଗାଁ ମୁରବୀ ଧୀରେନ୍ଦ୍ର ବିଶ୍ୱାଳ, ପ୍ରଭାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## କୁଆଖାଇ ନଦୀପଠା ଜଙ୍ଗଲରେ ନିଆଁ

ଫୁଲନଖରା,୧୪।୨(ସମିସ): କଟକ ସଦର ଥାନା ଅନ୍ତର୍ଗତ ପୁରୁଣା କାଚରାମାଳ ନିକଟସ୍ଥ କୁଆଖାଇ ନଦୀପଠାରେ ଫୁଲନଖରା ବନଖଣ୍ଡ ତରଫରୁ ପ୍ରାୟ ୧୦ ଏକର ପରିମିତ ଏକ ଘଞ୍ଚ ଜଙ୍ଗଲ ସୃଷ୍ଟି



କରାଯାଇଥିଲା। ରାଜ୍ୟରେ ଧୀରେଧୀରେ ଗ୍ରୀଷ୍ମ ପ୍ରବାହ ହେବାରୁ ଜଙ୍ଗଲ ଭିତରେ ବେଣାବୁଦା, ଘାସ, ପତ୍ର ଆଦି ଶୁଖିକରି ପଡ଼ି ରହିଥିଲା। ଖରାବେଳ ସମୟରେ ଜଙ୍ଗଲ ଭିତରେ ହଠାତ୍ ନିଆଁ ଲଗି ଯାଇଥିବା ସ୍ଥାନୀୟ ଲୋକମାନେ ଦେଖିଥିଲେ। ଫଳରେ ବହୁ ସଂଖ୍ୟାରେ କଣ୍ଟା ଗଛ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଜନସାଧାରଣ ସଦର ପୁଲିସ୍ ଓ ଫୁଲନଖରା ବନଖଣ୍ଡ ଅଧିକାରୀକୁ ଜଣାଇବା ସହ କିଏ ଏଭଳି କାଣ୍ଡ ଘଟାଇଛି ତାହାର ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଛନ୍ତି।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

ନିଶ୍ଚିନ୍ତକୋଇଲି, ୧୪।୨ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ କଦମ୍ବବିହାରୀ କମ୍ୟୁନିଟି ସେଣ୍ଟରରେ ଅଚ୍ୟୁତ ସେବା ସଦନ



ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଅଚ୍ୟୁତ ସେବା ସଦନର ସଭାପତି ଦେବେନ୍ଦ୍ରନାଥ ବସ୍ତିଆଙ୍କ ତତ୍ତ୍ୱାବଧାନ ତଥା କେୟାର ନେତ୍ରମ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୧୭୨ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ଅଚ୍ୟୁତ ସେବା ସଦନର କର୍ମକର୍ତ୍ତା ପ୍ରବୀର ରାଉତ, କିଶୋର ବସ୍ତିଆ, ପ୍ରଦୀପ୍ତ ବାରିକ, ମନୋରଂଜନ ଲେଙ୍କା, ପରମାନନ୍ଦ ରାଉତ, ଆଦିତ୍ୟ ଭୂୟାଁ, ମନୋରଂଜନ ସ୍ୱାଇଁ, ଆଲୋକ ଭୂୟାଁ, ସୁଧୀର ଭୂୟାଁ ପରିଚାଳନା କରିଥିଲେ।

## କୁଣ୍ଡପଡ଼ିଆରେ ମାଗେପରବ

ଟାଙ୍ଗୀ,୧୪।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ କୁଣ୍ଡପଡ଼ିଆ ଦୁଇ ନମ୍ବର ୱାର୍ଡରେ ଆଦିବାସୀଙ୍କ ମାଗେପରବ କାର୍ଯ୍ୟକ୍ରମ



ଉଦଘାଟିତ ହୋଇଯାଇଛି। ୱାର୍ଡସଭ୍ୟ କୃଷ୍ଣଚନ୍ଦ୍ର ଚାତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ଜିଲ୍ଲା ଗ୍ରାମୀଣ ଉପସଭାପତି ହିମାଂଶୁ ମହାନ୍ତି, ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ନାଏବ ସରପଞ୍ଚ ଜେମା ସର୍ଦ୍ଦାର, ୱାର୍ଡସଭ୍ୟ ବିଳାସୀ ଜେରାଇ ଓ ଯୁବ ସଂଗଠକ ଅମିତ୍ ସିଙ୍କୁ ଯୋଗଦେଇଥିଲେ। ଆଦିବାସୀ ମହିଳା ଓ ପୁରୁଷଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ ହୋଇଥିଲା। ବିଜୟଲାଗୁରୀ, ଲାଲା ଚାତାର, ଗୋବିନ୍ଦ ଚାତାର, ଅସିତ ସିଂକୁ ଓ ମୁରଲୀଧର ମଲ୍ଲିକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଗ୍ରୀନ୍‌ଭାଲି ମଡେଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ




କଟକ,୧୪।୨(ସମିସ): କଟକ ସଦର ବ୍ଲକ ଫକୀରପଡାଠାରେ ଥିବା ଗ୍ରୀନଭାଲି ପବ୍ଲିକ ସ୍କୁଲର ୧୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଇଂରାଜୀ ବିଶେଷଜ୍ଞ ବୈଦ୍ୟନାଥ ରାଉତ, ମୁଖ୍ୟବକ୍ତା ଭାବେ କଟକ ସଦରର ପଞ୍ଚାୟତସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସମ୍ମାନିତ ଅତିଥି ଭାବେ ନିମେଇଶାପୁର ପଞ୍ଚାୟତର ସରପଞ୍ଚ ଜ୍ୟୋସ୍ନାରାଣୀ ରାଉତରାୟ, ସିଆରସିସି ତଥା ଓଷ୍ଟାର ପୂର୍ବତନ ଜିଲ୍ଲା ସଭାପତି ଜ୍ୟୋତି ସାହୁ, ସ୍କୁଲର ପ୍ରତିଷ୍ଠାତା ଅଧ୍ୟକ୍ଷ ପଣ୍ଡିତ ଶ୍ରୀରାମଚନ୍ଦ୍ର ପ୍ରଧାନୀ ଦେବଶର୍ମା, ସମ୍ପାଦକ ଇଂ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଜୟନ୍ତ ଦାସ, ଉପାଧ୍ୟକ୍ଷା ସଙ୍ଘମିତ୍ରା ବିଶ୍ୱାଳ, ଅବିନାଶ ରାଉତ, ଶ୍ରୀଧର ଚନ୍ଦ୍ରଶେଖର କର, ସସ୍ମିତା ପତି, ପୁଷ୍ପଶ୍ରୀ ବେହେରା, ଜ୍ୟୋତି ସାହୁ, ତସ୍ମିନ ଫିର୍ଦୋଷ, ସସ୍ମିତା ପାଢୀ ସହଯୋଗ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ଶିକ୍ଷକ ଅବିନାଶ ସାଧୁ ଧନ୍ୟବାଦ ଦେଇଥିଲେ।

## ରଘୁନାଥଜୀଉ ମହୋତ୍ସବ ଉଦ୍‌ଯାପିତ



ଟାଙ୍ଗୀ,୧୪।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ୍ ଶାଳଗାଁ ପଞ୍ଚାୟତ ଭୟରପୁର ଗ୍ରାମସ୍ଥ ମହାପ୍ରଭୁ ଶ୍ରୀରାମ ମନ୍ଦିର ଓ ଶ୍ରୀବିଗ୍ରହଙ୍କ ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ରଘୁନାଥଜୀଉ କ୍ଲବ୍ ଆନୁକୂଲ୍ୟରେ ରଘୁନାଥଜୀଉ ମହୋତ୍ସବ-୨୦୨୬ ଉଦଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଯଜ୍ଞ ସମାପ୍ତ ସହ ସନ୍ଧ୍ୟାରେ ପୂର୍ଣ୍ଣାହୁତି କରାଯାଇଥିଲା। କୁନି କଳାକାର ନୃତ୍ୟ ପରିବେଷଣ କରିଥିଲେ। ଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବିଜେପି ନେତା ଅରିନ୍ଦମ ରାୟ, ହିମାଂଶୁ ମହାନ୍ତି ଓ କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ଯୋଗଦାନ କରିଥିଲେ। କ୍ଲବ୍ ସଭାପତି ରତିରଞ୍ଜନ ସାହୁ, ସମ୍ପାଦକ ଜ୍ୟୋତିପ୍ରକାଶ ସାହୁ ଓ କୋଷାଧ୍ୟକ୍ଷ ଇଶାନ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଖାଉଟି ସାମଗ୍ରୀ ଡିଲର ସଂଘର ରାଜ୍ୟସ୍ତରୀୟ ବୈଠକ

# କେନ୍ଦ୍ରର ବକେୟା ପାଉଣା ତୁରନ୍ତ ପ୍ରଦାନ ଦାବି

ଫୁଲନଖରା,୧୪।୨(ସମିସ): କଟକ ମହାନଗର ନିଗମ-୫ ୯ ନଂ ୱାର୍ଡ ଅନ୍ତର୍ଗତ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ଓଡ଼ିଶା ଫେୟାର ପ୍ରାଇସ୍ ସପ୍ ଡିଲର୍ସ ସଂଘର ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ନଗେନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଭାପତି ଓ ସଂପାଦକମାନେ ଯୋଗ ଦେଇଥିଲେ। ଖୁଚୁରା ଡିଲର୍ସମାନେ ସରକାର ପ୍ରଦତ୍ତ ଖାଦ୍ୟ ସାମଗ୍ରୀଗୁଡିକୁ ହିତାଧିକାରୀଙ୍କୁ ସୁବଣ୍ଟନରେ ସହାୟକ ହୋଇଥାନ୍ତି। କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ ଖାଦ୍ୟ ସାମଗ୍ରୀ ସୁବଣ୍ଟନ କରିଥିବା ବେଳେ ପ୍ରାୟ ୯ ମାସର ବକେୟା କମିସନ ପାଇବାରୁ ବଞ୍ଚିତ ହୋଇଛନ୍ତି। ସଂଘର ରାଜ୍ୟ ସଂପାଦକ ସୟଦ୍ ଏକ୍ରାମ



ହୁସେନ୍‌ଙ୍କ କହିବାନୁଯାୟୀ, କରୋନା ବେଳେ ରାଜ୍ୟ ସରକାରଙ୍କ କମିସନ୍ ପାଇଥିବା ବେଳେ ତତ୍କାଳୀନ କେନ୍ଦ୍ର ସରକାରଙ୍କ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଥିଲେ; କିନ୍ତୁ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର ଚାଲୁଥିବା ବେଳେ ଏଥିପ୍ରତି କେହି ଦୃଷ୍ଟି ନଦେବା ଖାଉଟି ଡିଲର୍ସଙ୍କ ପ୍ରତି ଏକ ଅବିଚାର ବୋଲି ମଧ୍ୟ ପ୍ରକାଶ କରିଥିଲେ। ଓଡ଼ିଶାରେ ଡିଲରମାନେ ଖାଦ୍ୟ ସାମଗ୍ରୀ ବଣ୍ଟନ ବାବଦରେ କ୍ୱିଣ୍ଟାଲ ପ୍ରତି ୧୦୪ଟଙ୍କା ପାଉଥିବା ବେଳେ ପଡୋଶୀ ରାଜ୍ୟରେ ୨ଶହରୁ ଉର୍ଦ୍ଧ୍ୱ ଟଙ୍କା କମିସନ ପାଉଛନ୍ତି। ଅନ୍ୟ ରାଜ୍ୟରେ ସନନ୍ଦ ନବୀକରଣ ୩ବର୍ଷ ରହିଥିବା ବେଳେ ଓଡ଼ିଶାରେ ମାତ୍ର ୬ମାସ ରହିଥିବାରୁ ଡିଲରମାନେ ଅନିଶ୍ଚିନ୍ତତାରେ ରହୁଛନ୍ତି। ସରକାର କମିସନ୍ ରାଶି ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବକେୟା କମିସନ୍ ପ୍ରଦାନ କରିବା ପାଇଁ ବିଭିନ୍ନ ଜିଲ୍ଲାରୁ ଆସିଥିବା ଜିଲ୍ଲା ପ୍ରତିନିଧିମାନେ ମତ ବ୍ୟକ୍ତ କରିଥିଲେ। ନିଷ୍ପତ୍ତିକ୍ରମେ ସରକାର ଯଦି ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀ ଦିନରେ ରାଜ୍ୟର ଖାଉଟି ସାମଗ୍ରୀ ବଣ୍ଟନ ଡିଲରମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମତ ବ୍ୟକ୍ତ କରିଥିଲେ। ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ସାହୁ, କଟକ ମହାନଗର ସଂଘ ସଭାପତି ତାପସ ମହାନ୍ତି, ନୂତନ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିବା ଉପସଭାପତି ଦୁର୍ଗାଶଙ୍କର ପରିଡା, ଶୁଭେନ୍ଦୁ ମହାନ୍ତି, ରବିନ୍ଦ୍ର ଜେନା, ଉପେନ୍ଦ୍ର ବେହେରା, ସୁଜାତା ପରିଡା, ଶାନ୍ତିଲତା ମହାନ୍ତି, ଅଜୟ ଦାସ, ଗୌତମ ରାଉତ, ବସନ୍ତ ବିଶ୍ୱାଳ, ମିହିର ଭୂୟାଁ ଓ ଦୀପ୍ତିରଂଜନ ସାହୁ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେଇଥିଲେ। କଟକ ଜିଲ୍ଲା ସଭାପତି ପ୍ରଦୀପ ଦାସ, ସଂପାଦକ ଉପେନ୍ଦ୍ର ବେହେରା ଓ ଅନ୍ୟାନ୍ୟ ଜିଲ୍ଲା କର୍ମକର୍ତ୍ତା ପରିଚାଳନା କରିଥିଲେ।

# ପୁଲ୍‌ୱାମା ସହିଦଙ୍କ ପାଇଁ ଶୋଭାଯାତ୍ରା



**ତିଗିରିଆ,୧୪ ।୨(ସମିସ):** ଶନିବାର ବିଳମ୍ବିତ ସଂଧ୍ୟାରେ ତିଗିରିଆ ନିଜିଗଡ ରାଜବାଟିଠାରେ ପୁଲୱାମା ସହିଦଙ୍କ ପାଇଁ ତିଗିରିଆ ଯୁବକ ସଂଗଠନ ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ଗୋହିରୀଦ୍ୱାର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ସଂଗଠନର କର୍ମକର୍ତ୍ତା ଶ୍ରୀଧର ପଣ୍ଡା, ଶୁଭାଶିଷ ମିଶ୍ର, ତାରାପ୍ରସାଦ ପଟ୍ଟନାୟକ, ଅଭିଷେକ ପଟ୍ଟନାୟକ, କିଶନ ପଟ୍ଟନାୟକ, ସୌମ୍ୟରଞ୍ଜନ ଦାସ, ସାଗର ମହାନ୍ତି, ଆଶିଷ ମହାନ୍ତି, ଅଙ୍କିତ ମହାନ୍ତି, ସୌମ୍ୟରଂଜନ ସାହୁ, ସରୋଜ ଜେନା ପ୍ରମୁଖ ସାମିଲ ହୋଇଥିଲେ ।

# ମଦ ବୋଝେଇ କାର୍ ଜବତ; ଜଣେ ଗିରଫ



**ଆଠଗଡ଼,୧୪ ।୨(ସମିସ):** ଶନିବାର ସନ୍ଧ୍ୟାରେ ଆଠଗଡ଼ ଚାନ୍ଦବାଲି ଛକଠାରୁ ନାଟକୀୟ ଢଙ୍ଗରେ ଗୋଟିଏ ମଦ ବୋଝେଇ କାର ଜବତ କରିଛି ଆଠଗଡ଼ ଅବକାରୀ ବିଭାଗ । ସନ୍ଧ୍ୟା ସମୟରେ ବିଭାଗ ପକ୍ଷରୁ ପାଟ୍ରୋଲିଂ ସମୟରେ ଗୋଟିଏ ସୌଖିନ କାରରେ ଦେଶୀ ରନ୍ଧା ମଦ ବୋଝେଇ ହୋଇ ଶଙ୍କରପୁର ପଟରୁ ଆଠଗଡ଼ ଆଡ଼କୁ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଚାନ୍ଦବାଲି ଛକଠାରେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ସାଦା ପୋଷାକରେ ରହି ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଗାଡ଼ି ନ ରହି ଓଲଟା ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଦେଖିବାକୁ ମିଳିଥିଲା । ତେବେ ସ୍ଥାନୀୟ ଲୋକଙ୍କ ସହଯୋଗରେ ମଦ ବୋଝେଇ କାର (ନଂ ଓଡି -୦୫-ବିଏକ୍ସ-୭୪୦୫ )କୁ ଜବତ କରିବା ସହ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ହେମମାଳପୁରର ସୌମ୍ୟକାନ୍ତ ଜେନା (୨୫)କୁ ଗିରଫ କରାଯାଇଛି । ଗାଡ଼ି ଭିତରୁ ୫୦୦ ଲିଟରରୁ ଉର୍ଦ୍ଧ୍ୱ ଚୋରା ଦେଶୀ ରନ୍ଧା ମଦ ଜବତ ହୋଇଥିବା ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି ।

# ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ଭଦ୍ରେଶ୍ୱର,୧୪।୨(ସମିସ):** ମାହାଙ୍ଗା ବ୍ଲକ ହଳଦିଆସ୍ଥିତ ଦୁର୍ଗାଚରଣ ନାୟକ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମହିଳା ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରହଲ୍ଲାଦ ଜେନା ଯୋଗଦାନ କରି ଆଜିର ଅପରାଧ ପ୍ରବଣ ସମାଜରେ ମହିଳାଙ୍କ କ୍ଷେତ୍ରରେ ଆତ୍ମସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଶିବିରର ସଂଯୋଜକ ଅଧ୍ୟାପକ ବିଶ୍ୱନାଥ ସେଠୀ ସ୍ୱାଗତ ଭାଷଣ କରିଥିଲେ । ପ୍ରଶିକ୍ଷିକା ରୂପେ ରୋଜାଲିନ ମହାରଣା ଯୋଗଦାନ କରି ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଅଧ୍ୟାପକ ମନୋଜ ପଣ୍ଡା, ଅଭୟ ଦାସ, ସଞ୍ଜୟ ଜେନା, ସତ୍ୟବ୍ରତ ରଥ, ଅଧ୍ୟାପିକା ଅମ୍ବିକାବାଳା ରାଉତ, ପ୍ରେମଲତା ରାଉତ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପକ ବିପଦଭଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ ।

# ମାତୃପିତୃ ପୂଜନ ଦିବସ



**କଟକ,୧୪ ।୨(ସମିସ):** ଜୟଜଗନ୍ନାଥ ସେବା ସମିତି ଟ୍ରଷ୍ଟ ଆନୁକୂଲ୍ୟରେ ମାଛୁଆ ବଜାର ମା' ସରସ୍ୱତୀ ଶିକ୍ଷା ମନ୍ଦିର ମିଳିତ ସହଯୋଗରେ ମଙ୍ଗଳାବାଗସ୍ଥିତ ମୋହନ ମଣ୍ଡପଠାରେ ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି । ଆଧୁନିକ ଯୁବପିଢ଼ି ମଧ୍ୟରେ ସଚେତନ କରିବା ଏବଂ ପିତାମାତାଙ୍କ ପ୍ରତି ପିଲାଙ୍କ ବଢୁଥିବା ଦୂରତାର ବ୍ୟବଧାନ କମାଇବା ପାଇଁ ସମିତି ପକ୍ଷରୁ ଏହି ପ୍ରୟାସ କରାଯାଇଥିଲା । ଟ୍ରଷ୍ଟର ସମସ୍ତ ସଦସ୍ୟ ନିଜ ବାପା ମା' ଓ ଗୁରୁଜନମାନଙ୍କ ପୂଜାର୍ଚ୍ଚନା କରିଥିଲେ । ବିଦ୍ୟାଳୟ ତରଫରୁ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସମସ୍ତ ଶିକ୍ଷକ ଏବଂ ପ୍ରଧାନଶିକ୍ଷକ ମନୋଜ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ଦ୍ୱାରା ଏଭଳି କାର୍ଯ୍ୟକ୍ରମ ସୁସ୍ଥ ସମାଜ ପାଇଁ ଏକ ମାର୍ଗଦର୍ଶକ ବୋଲି ସମ୍ପାଦକ ଶଶାଙ୍କ ଶେଖର ଦାଶ ଓ ସଭାପତି ମନୋଜ ପଣ୍ଡା ପ୍ରକାଶ କରିଛନ୍ତି ।

# 'ପ୍ରବୋଧନ' ତାଲିମ ଶିବିର ଉଦ୍‌ଯାପିତ

ତିଗିରିଆ,୧୪।୨(ସମିସ)



ପ୍ରାଥମିକସ୍ତରରେ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ପାଇଁ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମ "ପ୍ରବୋଧନ' ଶନିବାର ତିଗିରିଆ ବ୍ଲକରେ ଉଦଯାପିତ ହୋଇଯାଇଛି । ବ୍ଲକ ଶିକ୍ଷାଧିକାରୀ ଅମର ମହାରଣାଙ୍କ ନିର୍ଦ୍ଦେଶକ୍ରମେ ନୂଆପାଟଣାସ୍ଥିତ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଏହି ତାଲିମ୍ କାର୍ଯ୍ୟକ୍ରମରେ ବ୍ଲକ୍ ସାଧନ କେନ୍ଦ୍ର ସଂଯୋଜକ ମାଧବଚନ୍ଦ୍ର ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଖଟୁଅଙ୍କ ଅଧ୍ୟକ୍ଷତା ଏବଂ ସମ୍ବଳ ଶିକ୍ଷକ ଜ୍ଞାନଦୋୟମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ତାଲିମ ଶିବିରକୁ ସମ୍ବଳ ଶିକ୍ଷକ ଭାବେ ଶ୍ରୀ ମିଶ୍ରଙ୍କ ସମେତ, ସନାତନ ବର ଏବଂ ମହେଶ୍ୱର ସେଠୀ ପରଚାଳନା କରିଥିଲେ । ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ, ବିଶ୍ୱରଞ୍ଜନ ଜେନା, ଅଶୋକ କୁମାର ଦାସ, ଉମାଶଙ୍କର ରାଉତ, ପ୍ରଶାନ୍ତ କୁମାର ଘଡାଇ ଏବଂ ନିଶାକର ଖଟୁଆ ପ୍ରମୁଖ ସହଯୋଗ କରିଥିଲେ ।

**ବଡମ୍ବା** : ବଡମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ବଡ଼ମ୍ବା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଶନିବାର "ପ୍ରବୋଧନ' ତାଲିମ ସମାପନ ହୋଇଯାଇଛି । ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ତତ୍ତ୍ୱାବଧାନରେ ଏବଂ ମଣ୍ଡଳ ସହ ଶିକ୍ଷାଧିକାରୀ ଶିବପ୍ରସାଦ ବ୍ରହ୍ମାଙ୍କ ସଂଯୋଜନାରେ ସମ୍ବଳ ଶିକ୍ଷକ ଭାବେ ଗୋବିନ୍ଦଚନ୍ଦ୍ର ଗୋଛି, ରାଜେଶ କୁମାର ମହାପାତ୍ର, ରମେଶଚନ୍ଦ୍ର ନାୟକ ଓ ବଳଭଦ୍ର ଜେନା ତାଲିମ ପ୍ରଦାନ କରିଥିଲେ । ଆସନ୍ତା ୧୬ରୁ ଅନନ୍ତ ମାଝୀ ଉଚ୍ଚ ବିଦ୍ୟାଳୟରେ ୩ୟ ପର୍ଯ୍ୟାୟ ତାଲିମ ଶିବିର ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା ।

**ନିଶ୍ଚିନ୍ତକୋଇଲି** : ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ଗଣପତି ଭବନରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ପ୍ରବୋଧନ ତାଲିମ ଶିବିର ୫ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଧଳପଡ଼ା ସିଆରସିସି ନରେନ୍ଦ୍ରନାଥ ସାହୁଙ୍କ ସଂଯୋଜନାରେ ଏହି ଶିବିରକୁ ବିଆରସିସି ସୁଶୀଲ ଚକ୍ରବର୍ତ୍ତୀ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ପ୍ରଭାତ ବେହେରା, ଜାକିର ହୁସେନ, ପ୍ରଧାନଶିକ୍ଷକ କାଦମ୍ବିନୀ ମଲିକ ଯୋଗ ଦେଇଥିଲେ । ୭ ଟି କ୍ଲଷ୍ଟରର ୮୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇଥିବା ନୂତନ ପାଠ୍ୟ ପୁସ୍ତକର ସଂଚାଳନ ସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଇଛି । ଜିଲ୍ଲାସ୍ତରୀୟ ପ୍ରଶିକ୍ଷକ ନିମାଇଁ ଚରଣ ସାହୁଙ୍କ ସଂଯୋଜନାରେ ପ୍ରଶିକ୍ଷକ ଭାବେ ଜଗବନ୍ଧୁ ବେହେରା, ହରପ୍ରସାଦ ଷଡ଼ଙ୍ଗୀ, ଝରଣା ମଲିକ, ଇତିଶ୍ରୀ ବେହେରା ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । ସିଆରସିସି ବୈକୁଣ୍ଠନାଥ ସାହୁ, ମହାମେଘବାହାନ ସ୍ୱାଇଁ, ରାଜକିଶୋର ନାୟକ, ସେକ୍ ମହମ୍ମଦ ୱାଜିଦ୍, ସୁଶାନ୍ତ ପଣ୍ଡା ଓ ପୀତାମ୍ବର ବେହେରା ପରିଚାଳନା କରିଥିଲେ ।

# ମୁରବୀ କ୍ଷୀରୋଦ ସେଠୀଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ,୧୪।୨(ସମିସ):** ବିଡାନାସୀ ଥାନା ଅଧୀନ ଦେଉଳସାହି ନିବାସୀ ଗ୍ରାମ ମୁରବି, ମିଷ୍ଟଭାଷୀ କ୍ଷୀରୋଦ ଚନ୍ଦ୍ର ସେଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା ପାଳିତ ହୋଇଯାଇଛି । ଆଇନଜୀବୀ ସମେନ୍ଦ୍ର ସେଠୀଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀରେ ଅତିଥି ବରିଷ୍ଠ ଆଇନଜୀବୀ ଧ୍ରୁବଚରଣ ରାଉତ, ବାଦଲଚରଣ ରାୟ, ମୁକ୍ତିକାନ୍ତ ଦାସ, ସମାଜସେବୀ ସୁକାନ୍ତ ସେଠୀ, ଆଇନଜୀବୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଶିଶିର ନାୟକ, ଦେବାଶିଷ ପାଣିଗ୍ରାହୀ, ଅମିତାଭ ପଟ୍ଟନାୟକ, ପ୍ରଦୀପ ମହାନ୍ତି, ବିକ୍ରମକେଶରୀ ସିଂହ, ଜଗନ୍ନାଥ ମହାନ୍ତି, ଗଦାଧର ସାହୁ, ମାନସ ବେହେରା, ଅବିନାଶ ରାଉତରାୟ, ସତ୍ୟନାରାୟଣ ସେଠୀ, ଜିତେନ୍ଦ୍ର ସେଠୀ, ରଞ୍ଜନ ସେଠୀ, ଦୀପକ ସେଠୀ, ପଣ୍ଟଣ ସେଠୀ, ମିଥୁନ୍ ସେଠୀଙ୍କ ସମେତ ବହୁ ବ୍ୟକ୍ତି ବିଶେଷ କ୍ଷୀରୋଦ ସେଠୀଙ୍କ ଆତ୍ମାର ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

# ବ୍ୟବସାୟୀଙ୍କ ବିୟୋଗରେ ଶୋକସଭା

**ସାଲେପୁର,୧୪।୨(ସମିସ):** ସାଲେପୁର ବଜାରର ଲୋକପ୍ରିୟ ଫଳ ବ୍ୟବସାୟୀ ସନାତନ ଭୂୟାଁ ଚିରଦିନ ପାଇଁ ଲୋକଙ୍କ ପାଖରେ ଅମର ହୋଇ ରହିବେ । ତାଙ୍କର ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ସାଲେପୁର ସେଣ୍ଟ୍ରାଲ ମାର୍କେଟ୍ କମିଟିର ବ୍ୟବସାୟୀମାନେ ଏକ ଶୋକସଭାରେ ଏହି ମତ ବ୍ୟକ୍ତ କରିଛନ୍ତି । ବିଜେଡି ନେତା ବିରଞ୍ଚିନାରାୟଣ କରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ବିକଳାନନ୍ଦ କର ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ପ୍ରଶାନ୍ତ କର ସ୍ୱର୍ଗତ ସନାତନ ଭୂୟାଁଙ୍କ ତ୍ୟାଗପୂତ ଜୀବନ ସଂପର୍କରେ ଆଲୋଚନା କରିଥିଲେ । ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରବିନ୍ଦ୍ରନାଥ କର, ସେଣ୍ଟ୍ରାଲ ମାର୍କେଟ୍ ସଭାପତି ନବକିଶୋର ମଲ୍ଲ, ମାର୍କେଟ୍ କମିଟି ସଂପାଦକ ସୌମ୍ୟରଂଜନ ମଲ୍ଲ, ପୂର୍ବତନ ଶିକ୍ଷକ ଡଃ ଗୌତମ ମହାରଣା, ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ଅକ୍ଷୟ ଦାଶ, ସଂପାଦକ ହୃଷୀକେଶ ମଲ୍ଲିକ, ସାମ୍ବାଦିକ ଶାରଦା ପଣ୍ଡା, ଚିତ୍ତରଞ୍ଜନ ଶତପଥୀ, ପୂର୍ବତନ ପ୍ରଧାନଶିକ୍ଷକ ଗୋପବନ୍ଧୁ ଭୂୟାଁ, ବ୍ୟବସାୟୀ ଧ୍ରୁବଚରଣ ମୁଦୁଲି, ମାନସ ସାହୁ, ଇନ୍ଦ୍ରଧ୍ୱଜ କର, ଉପେନ୍ଦ୍ର ନାରାୟଣ ଦାଶ ଶୋକ ପ୍ରକାଶ କରିଥିଲେ ।

# ଗୋବିନ୍ଦପୁର କଲେଜର ପୁରସ୍କାର ବିତରଣ ଉତ୍ସବ

**କଣ୍ଠାପଡ଼ା,୧୪।୨(ସମିସ):** କଣ୍ଠାପଡ଼ା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ କୈଳାସଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନିଆଳି ବିଧାୟକ ଛବି ମଲ୍ଲିକ ମୁଖ୍ୟଅତିଥି, ପିଜି କାଉନସିଲ ଅଧ୍ୟକ୍ଷ ଡଃ ଗଗନବିହାରୀ ବେଉରା ଓ ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଅମୀୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନୂତନ ସ୍ମାର୍ଟ ଶ୍ରେଣୀ କକ୍ଷ ଓ ଆଧୁନିକ ବିଜ୍ଞାନ ପ୍ରୟୋଗଶାଳାକୁ ବିଧାୟକ ଉଦଘାଟନ କରିବା ସହିତ କଲେଜ ପରିସରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ବ୍ଲକ ଆମ୍ବ ଅଧ୍ୟକ୍ଷ ପ୍ରଦୀପ୍ତ ପାତ୍ର, ଗୋବିନ୍ଦପୁର ବିଜେପି ମଣ୍ଡଳ ସଭାପତି ଲଳାଟେନ୍ଦୁ ପାତ୍ର, ଉପସଭାପତି ସଞ୍ଜୟ ନାୟକ, ରଞ୍ଜନ ଦାସ, ସାଂସଦଙ୍କ ପ୍ରତିନିଧି ସଂଗ୍ରାମ ପଟ୍ଟନାୟକ, ଲଳାଟେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ଖେଳକୁଦ ବିଭାଗର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ ହୋଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଜାଗର ଉପଲକ୍ଷେ ଭଜନ ମୁକ୍ତିଲାଭ



**ଫୁଲନଖରା,୧୪।୨(ସମିସ):** ନଖରାସ୍ଥିତ ଲକ୍ଷେଶ୍ୱର ମହାଦେବ ମନ୍ଦିର ପରିସରରେ ପବିତ୍ର ମହାଶିବରାତ୍ରି ଉପଲକ୍ଷେ ନୂତନ ଭାବରେ ଜନ୍ମ ଲାଭ କରିଥିବା 'ଲକ୍ଷେଶ୍ୱର ମ୍ୟୁଜିକ୍' ଦ୍ୱାରା ପ୍ରସ୍ତୁତ ଭକ୍ତିଭାବଭରା ୪ଟି ଭଜନ ମୁକ୍ତିଲାଭ କରିଛି । ଗୀତିକାର ସ୍ୱାଧୀନଚେତା ମହାନ୍ତିଙ୍କ ରଚିତ ଭଜନ ଗୁଡିକୁ ସଂଗୀତରେ ସଜେଇଛନ୍ତି ସଂଗୀତ ନିର୍ଦ୍ଦେଶକ ବିଜୟ କୁମାର ଦାସ । ଶୈବ ଭଜନ 'ହେ ମହେଶ୍ୱର ଜଗତ ଈଶ୍ୱର'ରେ ବିଜୟ ଦାସ କଣ୍ଠଦାନ କରିଥିବା ବେଳେ ଜଗନ୍ନାଥ ଭଜନ 'ଜୀବନ ମୋହର' ଏବଂ ଅନ୍ୟ ଦୁଇଟି ଗୀତରେ ସୁନାମଧନ୍ୟ କଣ୍ଠଶିଳ୍ପୀ ସୌରଭ ନାୟକ କଣ୍ଠଦାନ କରିଛନ୍ତି । ସାମ୍ବାଦିକ କାନନ ବିହାରୀ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଲକ୍ଷେଶ୍ୱର ମହିଳା କଲେଜ୍‌ର ଅଧ୍ୟକ୍ଷା ଯଶୋଧାର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ଆଞ୍ଚଳିକ ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କା, ସଂପାଦକ ସୁରେନ୍ଦ୍ର ମହାପାତ୍ର, ଇଂ ରଣଜିତ୍ ମହାନ୍ତି, ପ୍ରତାପନଗରୀ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରମୋଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବରେ ସଂଗୀତ ଗୁଡିକୁ ଲୋକାର୍ପିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ କବି ନାରାୟଣ ଜେନା, ଯୁବ ସମାଜସେବୀ ଆଲୋକ ମହାନ୍ତି, ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ, ଅଧ୍ୟାପିକା ଅନସୂୟା ଆ.ର୍ଯ୍ୟ, ପ୍ରତାପ ରାଉତରାୟ, ମୁକ୍ତିକାନ୍ତ ମହାପାତ୍ର, କୀର୍ତ୍ତିରଞ୍ଜନ ପଟ୍ଟନାୟକ, ରାଜେଶ ସ୍ୱାଇଁ, ନିହାର ରଞ୍ଜନ ପଣ୍ଡା, ବାଉରୀବନ୍ଧୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ଦାସ, ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ପ୍ରମୋଦ ଓଝା ଧନ୍ୟବାଦ ଦେଇଥିଲେ ।

# ମୁନ୍‌ସୀ ମେଳଣ ଶତବାର୍ଷିକ ଉତ୍ସବ ପ୍ରସ୍ତୁତି



**ସାଲେପୁର,୧୪ ।୨(ସମିସ):** ଚଳିତ ବର୍ଷ ସାଲେପୁର ମୁନ୍‌ସୀ ମେଳଣ ଏକଶତ ବର୍ଷରେ ପଦାର୍ପଣ କରୁଥିବାରୁ ଏହାକୁ ଅଧିକ ଜାକଜମକରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସାଲେପୁର କେଶବ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ସାଲେପୁର ଡିଏସ୍‌ପି. ବିରଞ୍ଚିନାରାୟଣ ପତି ଏହି ବୈଠକରେ ଯୋଗଦେଇ ପରମ୍ପରା ନାମରେ କିଛି ବେଆଇନ୍ କାମ ନକରିବାକୁ ପରାମର୍ଶ ଦେଇଥିଲେ । ସାଲେପୁର ଆଇଆଇସି. ମହେଶ୍ୱର ବେହେରାଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଲେପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ରବିନ୍ଦ୍ରନାଥ କର, ପୂର୍ବତନ ପ୍ରଧାନଶିକ୍ଷକ ଜଗନ୍ନାଥ ବସ୍ତିଆ, ଆଡ୍‌ଭୋକେଟ୍ ବିଜୟ କେତନ ନାୟକ, ରବିନ୍ଦ୍ରନାଥ ପଣ୍ଡା, ସଂଗଠକ ତଥା ସମାଜସେବୀ ହରିବନ୍ଧୁ ଶତପଥୀ, ସାମ୍ବାଦିକ ଅକ୍ଷୟ ଦାଶ, ହେମନ୍ତ ଭୂୟାଁ, ତାରାକାନ୍ତ ଭୂୟାଁ, ଶିଶିର ଦାଶ, ପ୍ରତ୍ୟୁଷ ମହାନ୍ତି, ସୁଜିତ ଭୂୟାଁ, ସାଲେପୁର ଥାନା ପୁଲିସ ଏସ୍‌ଆଇ. ଶ୍ରଦ୍ଧାଞ୍ଜଳି ସେନାପତି, ନୀଳମାଧବ ପଣ୍ଡା, ପୂର୍ବତନ ସରପଞ୍ଚ ରମେଶ ନାୟକ, ଦେବେନ୍ଦ୍ରନାଥ କର, କୃଷ୍ଣଚନ୍ଦ୍ର ଜେନା, ଚିତ୍ତରଂଜନ ଶତପଥୀ, ସତ୍ୟ କର, ନଳିନୀ ଜେନା, ବଳରାମ ଭୂୟାଁ, ବିଚିତ୍ରାନନ୍ଦ ଦାଶ, ଅଲେଖଚନ୍ଦ୍ର ପରିଡ଼ା, ମହେଶ୍ୱର ମଲ୍ଲିକ, ବିଜ୍ଞାନ ଭୂୟାଁ, ବାରିଗୋଳ ସରପଞ୍ଚ ଶିବୁ ବେହେରାଙ୍କ ସମେତ ବିମାନ କମିଟିର ସଭ୍ୟ ଏବଂ ବହୁ ନାଗରିକ ତଥା ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ ।

## ସାଲେପୁର କପ୍ ଫୁଟ୍‌ବଲ

# କେନ୍ଦ୍ରାପଡ଼ାର ଚାନ୍ଦ କ୍ଲବ୍ ଚାମ୍ପିଅନ

**ସାଲେପୁର,୧୪ ।୨(ସମିସ):** ସାଲେପୁର ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ଓ ୟଙ୍ଗ ଉତ୍କଳ କଟକ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ୍ ଦେଇ ନପାରିବାରୁ ଟାଇବ୍ରେକର ଜରିଆରେ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ୪-୩ ଗୋଲରେ ୟଙ୍ଗ ଉତ୍କଳ କଟକୁ ହରାଇ ଚାମ୍ପିଅନ୍ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଉଦ୍‌ଘାଟକ ରୂପେ ବିଶିଷ୍ଟ ସମାଜସେବୀ ଗୋଲଖଚନ୍ଦ୍ର ପରିଡ଼ା ଯୋଗ ଦେଇଥିଲେ ।ରେଫରୀ ଅବଦୁଲ ମାର୍ଟିନ୍, ସଂଜିତ୍ ଦାଶ, ଜୀବନଜ୍ୟୋତି, ରସାନନ୍ଦ ସାମଲ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ । ମ୍ୟାନ୍ ଅଫ୍ ଦି ମ୍ୟାଚ୍ କେନ୍ଦ୍ରାପଡ଼ାର ରାହୁଲ ସାମଲ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ୟଙ୍ଗ ଉତ୍କଳର ଲୋହାର ବିନ୍ଧାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ାର ବେଷ୍ଟ ଗୋଲକିପର ନାଗା ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବେଷ୍ଟ ଡିଫେଣ୍ଡର ବାପୁନି ବିନ୍ଧାଣୀ କଟକ, ଫାଓ ଟିମ୍‌କୁ ପ୍ରଦାନ କରାଯାଇଥିଲା । ସାଲେପୁର ସ୍ପୋର୍ଟସ ଏକାଡେମୀର ସଭାପତି ପ୍ରଦୀପ୍ତ କର, ସଂପାଦକ କିରଣ ଭୂୟାଁ, ଉପାଧ୍ୟକ୍ଷ ମିହିର ଜେନା, ଉପଦେଷ୍ଟା ଅକ୍ଷୟ ଦାଶ, ପ୍ରସନ୍ନ ମଲ୍ଲ, ସୁରେଶଚନ୍ଦ୍ର ବେହେରା, ମାନସ ସାହୁ, ସେକ୍ ଗିନି, ପରବେଶ ଅଲ୍ଲୀ, ଇଂ ବିଭୂତିଭୂଷଣ ପାତ୍ର, ଅଶୋକ ସେଠୀ, ଆର. ଆପ୍ପାରାଓଙ୍କ ସମେତ ବହୁ କ୍ରୀଡ଼ା ସଂଗଠକ ଉପସ୍ଥିତ ଥିଲେ ।



# ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ବିୟୋଗରେ ଶୋକ

କଟକ,୧୪।୨(ସମିସ)



ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି କାହ୍ନୁଚରଣ ଲେଙ୍କାଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ୧୯୭୧, ୭୪, ୮୦ ଓ ୧୯୯୫ରେ ସେ ଚୌଦ୍ୱାର ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୧୯୮୮ରୁ ୧୯୯୪ ଯାଏ ସେ ରାଜ୍ୟସଭା ସାଂସଦ ଭାବରେ କାର୍ଯ୍ୟ କରିଥିଲେ । କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ଓ କୃଷିମନ୍ତ୍ରୀ ଭାବରେ ନିଜ ରାଜ୍ୟ ଓ ଦେଶ ପ୍ରତି ତାଙ୍କର ବଳିଷ୍ଠ ଅବଦାନ ଥିଲା । ଅଖିଳ ଭାରତୀୟ କଂଗ୍ରେସ କମିଟି ଓବିସି ବିଭାଗର ପୂର୍ବତନ ଅଧ୍ୟକ୍ଷ ଭାବରେ ସେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ସେ ଠାକୁର ଅନୁକୂଳଚନ୍ଦ୍ରଙ୍କର ରିତ୍ୱିକ୍ ଭାବରେ କାର୍ଯ୍ୟ କରିଥିଲେ । ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ଆଡଭୋକେଟ୍ ବୈଦ୍ୟନାଥ ନାୟକ, କଂଗ୍ରେସ ନେତା ଡଃ ସନ୍ତୋଷ ବଳ, ପୂର୍ବତନ ବିଧାୟକ ରବିନ୍ଦ୍ର ମଲ୍ଲିକ, ତ୍ରିଲୋଚନ ମହାନ୍ତି, ନିରଞ୍ଜନ ସାହୁ, ଅମୂଲ୍ୟ ସାହୁ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ ।

ଅନ୍ୟପକ୍ଷରେ, କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) କଟକ ଜିଲ୍ଲା କମିଟି ତରଫରୁ ଶୋକ ବ୍ୟକ୍ତ କରିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛି । ଚୌଦ୍ୱାରରେ ଓଟିଏମର ଶ୍ରମିକଙ୍କ ପ୍ରତି ତାଙ୍କର ପ୍ରତିବଦ୍ଧତା ପାଇଁ ସେ ସ୍ମରଣୀୟ ରହିବେ ବୋଲି ସିପିଆଇ(ଏମ) କଟକ ଜିଲ୍ଲା କମିଟି ସମ୍ପାଦକ ବଦ୍ରିନାରାୟଣ ଦାଶ ପ୍ରକାଶ କରିଛନ୍ତି । ସେହିପରି ବରିଷ୍ଠ ନେତା ରାମଚନ୍ଦ୍ର ଗୋଛାୟତ, ଦୁର୍ଗାଶଙ୍କର ଦାସ, ମଧୁସୂଦନ ସେନାପତି, ଯୁଗଳ କିଶୋର ବେହେରା, ରାଜେଶ ସ୍ୱାଇଁ, ସଦର ବ୍ଲକ୍ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ପଣ୍ଡା, ନିହାର ରଞ୍ଜନ ନନ୍ଦ, କଟକ ନଗର ସାଧାରଣ ସମ୍ପାଦକ ନିର୍ମଳ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ଉପସଭାପତି ମାନସ ପ୍ରଧାନ, ରଞ୍ଜନ ସେନାପତି, ରଜନୀ ବସ୍ତିଆ, ଜିଲ୍ଲା ସାଧାରଣ ସଂପାଦକ ଉଗ୍ରସେନ ଭୂୟାଁ, ମିହିର ଦାସ, ମହମ୍ମଦ କାସିମ୍, ଅନୀଲ ଦାସ, ଆଲୋକ ଜେନା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି । କଟକ ମହାନଗର ନାଗରିକ ମହାସଭା ସଭାପତି ଡାକ୍ତର ରବିରଞ୍ଜନ ସାହୁ ପରିବାରକୁ ସମବେଦନା ଜଣାଇ କହିଛନ୍ତି ଯେ ଓଡ଼ିଶା ଜଣେ ଅଭିଜ୍ଞ ତଥା ନିଷ୍ଠାପର ରାଜନେତାଙ୍କୁ ହରାଇଲା ।

# ସତ୍ୟବାଦୀ କଳା ମନ୍ଦିରର ବାର୍ଷିକ ଉତ୍ସବ



**ତିଗିରିଆ,୧୪।୨(ସମିସ):** କଳା ଓ ସଙ୍ଗୀତ ମୃତବ୍ୟକ୍ତିର ଦେହରେ ପ୍ରାଣ ସଞ୍ଚାର କରିପାରେ । କଳା ଓ ପ୍ରକୃତି ବିନା ମନୁଷ୍ୟ ବଞ୍ଚିବା ଏକ କଷ୍ଟକର ବ୍ୟାପାର ବୋଲି କଳାକାର ନିର୍ମାଣ କରିବାରେ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଥିବା ତିଗିରିଆ ବ୍ଲକ ନୂଆପାଟଣାର ସଙ୍ଗୀତ ଶିକ୍ଷା ଅନୁଷ୍ଠାନ 'ସତ୍ୟବାଦୀ କଳାମନ୍ଦିର'ର ୩୨ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି । ମନପ୍ରାଣକୁ ସଦାସର୍ବଦା ପ୍ରଫୁଲ୍ଲିତ ରଖିବାକୁ ଆଜିର ସମୟରେ ପ୍ରତ୍ୟେକ ବ୍ୟକ୍ତି କଳା ପ୍ରତି ପ୍ରୀତି ରଖିବା ନିତାନ୍ତ ଜରୁରୀ ବୋଲି କହିଛନ୍ତି । ଶନିବାର ସଂଧ୍ୟାରେ ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ପଞ୍ଚାୟତସମିତି ଅଧ୍ୟକ୍ଷ ଭାଗୀରଥି ନନ୍ଦଙ୍କ ସଭାପତିତ୍ୱ ତଥା ସମ୍ପାଦକ ପ୍ରକାଶ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା, ମୁଖ୍ୟବକ୍ତା ଭାବେ ମାଣିଆବନ୍ଧ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ପରିଡା, ସମ୍ମାନିତ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ ପାତ୍ର, ନୂଆପାଟଣା ପଞ୍ଚାୟତ ସରପଞ୍ଚ ସୋମନାଥ ଦାସ, କଣ୍ଠଶିଳ୍ପୀ ଆଲୋକ କୁଣ୍ଡୁ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ତିଗିରିଆ ଥାନାଧିକାରୀ ପ୍ରିୟଦର୍ଶିନୀ ଇସ୍ମିତା, ସାମ୍ବାଦିକ ରାଜକିଶୋର ବେହେରା, ସଙ୍ଗୀତ ଗୁରୁ ପ୍ରଫୁଲ୍ଲ କୁମାର ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସୁନାମଧନ୍ୟ ବାନ୍ଧକାର ଅର୍ଜୁନ ପାଳ, ବୁଣାକାର ଦୀନବନ୍ଧୁ ବେହେରା, ବୁଣାକାର ଚିନ୍ତାମଣି ଦାସ, ବାନ୍ଧ କାରିଗର ଶ୍ରୀବତ୍ସ କଟୁଆଳ, ସବ୍ୟସାଚୀ ପାତ୍ରଙ୍କୁ ଖଣ୍ଡୁଆ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅତିଥିମାନଙ୍କ ପକ୍ଷରୁ ଅନୁଷ୍ଠାନର ଛାତ୍ର ଇନ୍ଦ୍ରଜିତ ଚାନ୍ଦ, ଛାତ୍ରୀ ସୁପ୍ରଭା ରାଉତଙ୍କୁ ସଙ୍ଗୀତ ଭାସ୍କର ଓ ଛାତ୍ରୀ ଶତାବ୍ଦୀ ସ୍ୱାଇଁଙ୍କୁ ସଙ୍ଗୀତ ବିଶାରଦ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ଛାତ୍ରୀ ସମୃଦ୍ଧି ମିଶ୍ରଙ୍କ ପରିଚାଳନାରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମକୁ ସତ୍ୟବାଦୀ କଳାମନ୍ଦିର ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ଭାଗୀରଥି ବେହେରା, ଉପସଭାପତି ପ୍ରଦୀପ କୁମାର ବର୍ଦ୍ଧନ, ସହ ସମ୍ପାଦକ ଛବିଳ ବେହେରା, ଆଇନଜୀବୀ ସଞ୍ଜୟ କୁମାର କର ତଥା ଅନୁଷ୍ଠାନର ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

